## ଓଲଟିଲା ମୋରମ ବୋଝେଇ ଟ୍ରକ୍

ପଦ୍ମପୁର,(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିରସ ରାସ୍ତାର ପାଟଣା ମିଶ୍ରପୁରଠାରେ ସୋମବାର ସକାଳେ ଏକ ମୋରମ ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ଟ୍ରକ୍‌ଟି ନାୟକାଣିଡିହୀ ଆଡ଼କୁ ଯାଉଥିବା ବେଳେ ରାସ୍ତା ପାର୍ଶ୍ୱ ନୟନଯୋରିକୁ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଚାଳକ ଆହତ ହୋଇଥିବା ସୂଚନା ମିଳିଛି।



## ସଂକ୍ଷେପରେ

### ମହିଳାଙ୍କ ଘରୁ ଅଳଙ୍କାର ସହ ଟଙ୍କା ଲୁଟ୍

ପାଟଣା,୨୧।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ମାଛଗଡ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀ ଶାନ୍ତିଲତା ସେଠୀଙ୍କ ସରକାରୀ ବାସ ଭବନରୁ ରବିବାର ଦିନ ବେଳେ କେହି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୪୮ ହଜାର ଟଙ୍କା ଚୋରି କରନେଇଥିବା ପାଟଣା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୧୯୨/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ବସ୍ ଧକ୍କାରେ ନାବାଳକ ମୃତ, ରାସ୍ତାରୋକୋ

ଭଦ୍ରକ ଅଫିସ,୨୧।୧୨: ଭଦ୍ରକ-ଆଖଣ୍ଡଳମଣି ରାସ୍ତାର ଅସୁରାଳି ବଜାର ନିକଟରେ ସୋମବାର ଅପରାହ୍ନରେ ବସ୍ ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ କିଛି ସମୟ ପାଇଁ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପଟୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଧୂଷୁରୀ ଥାନା ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ସୂଚନା ଅନୁଯାୟୀ, ଏହି ଥାନା ଅଧୀନ ହାତିଆପଡ଼ାର ନରେନ୍ଦ୍ର ମହାନ୍ତିଙ୍କ ପୁଅ ପୁପୁନ (୮) ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ଘରୋଇ ବସ୍ ଧକ୍କାରେ ଗୁରୁତର ହୋଇଥିଲେ। ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ତଦନ୍ତ ଚଳାଇଛି।

### ବାଇକ୍ ଧକ୍କାରେ ଆରୋହୀ ମୃତ

ଚମ୍ପୁଆ, ୨୧।୧୨ (ଡି.ଏନ.ଏ.): କେନ୍ଦୁଝର ଜିଲା ବାରିଆ ଥାନା ଅନ୍ତର୍ଗତ ନନ୍ଦପୁରଠାରେ ସୋମବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ବାରିଆ ଥାନା ଜାଲି ଗ୍ରାମର ହେମନ୍ତ ମୁଣ୍ଡା। ଏହି ଦୁର୍ଘଟଣାରେ ଅନ୍ୟ ୩ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକ ଆହତଙ୍କୁ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ପ୍ରଥମ ଦିନରେ ୫୦ କୁଇଣ୍ଟାଲ ଧାନକିଣା

ବାସୁଦେବପୁର/ପଦ୍ମପୁର,୨୧।୧୨ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ସୋମବାର ୩ ଧାନ ମଣ୍ଡି ଖୋଲିଛି। ବରଣ୍ଡୁଆ ସେବା ସମିତିଠାରେ ସିଏସ୍‌ଓ ରଞ୍ଜନ ସେଠ୍, ଏଆର୍‌ସିଏସ୍ ସନ୍ତୋଷ ଦାସ, ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ଏସ୍‌ଆର୍‌ସିଏସ୍ ନିରଞ୍ଜନ ସେଠୀ, ଯୋଗାଣ ନିରୀକ୍ଷକ ଅଜୟ କୁମାର ଦାସ, ଧାନ କ୍ରୟ କମିଟି ସଭାପତି ନଗେନ୍ଦ୍ର କୁମାର ବିଶ୍ୱାଳ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମଣ୍ଡିରେ ପ୍ରଥମ ଦିନରେ ୫୦ କୁଇଣ୍ଟାଲ ଧାନ କିଣା ଯାଇଥିବା ସୂଚନା ଦିଆଯାଇଛି। ସେହିପରି ମା' କାଳୀ ସେବା ସମବାୟ ସମିତିର ସମ୍ପାଦକ ତନ୍ମୟ କୁମାର ମଲିକ, ପଦ୍ମପୁର ସମବାୟ ସମିତିର ସମ୍ପାଦକ ଅନିରୁଦ୍ଧ ନାୟକ, ଦୟାନିଧି ଦାସ, ସୁବାସ ନାୟକ, ଦେବେନ୍ଦ୍ର ନାୟକ, ଜୟନ୍ତ ନାୟକ, ଏଡ଼ତାଳ ରାଜସ୍ୱ ନିରୀକ୍ଷକ ବୁଲବୁଲ ସିଂ, ଆଡମିନିଷ୍ଟ୍ରେଟର ଶକ୍ତିଧର କାଣ୍ଡି, ସରପଞ୍ଚ ସ୍ନେହପ୍ରଭା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ମଣ୍ଡି ଶୁଭାରମ୍ଭ କରିଥିଲେ।

# ଟସର ପାଇଁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା

## କାର୍ଯ୍ୟକ୍ରମର ତଦାରଖ କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

କେନ୍ଦୁଝର,୨୧।୧୨ (ସ୍ୱ.ପ୍ର./ଡି.ଏନ.ଏ.)

ଓଡିଶା ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଡିସେମ୍ବର ୧୯ ତାରିଖରୁ ୩ ଦିନିଆ କେନ୍ଦୁଝର ଜିଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ ସହିତ ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଡିସେମ୍ବର ୧୯ ତାରିଖ ଶନିବାର ସନ୍ଧ୍ୟାରେ ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ଭଗାମୁଣ୍ଡାର ବିଶ୍ୱ ପ୍ରସିଦ୍ଧ ଟସର ପାର୍କ ପରିଦର୍ଶନ କରି ସମୀକ୍ଷା କରିଥିଲେ। ଭଗାମୁଣ୍ଡା ସ୍ଥିତ ଟସର ପାର୍କ ପରିଦର୍ଶନ କରିବା ଅବସରରେ ଟସର ସୂତା କଟା, ଲୁଗାବୁଣା, ଡିଜିଟାଲ୍ ପ୍ରିଣ୍ଟ ଆଦି କାର୍ଯ୍ୟ ଦେଖିଥିଲେ । ଏଠାରେ ଅନ୍ତେବାସୀମାନଙ୍କ ପାଇଁ ହଷ୍ଟେଲ୍ ସୁବିଧା ଓ ଆବଶ୍ୟକୀୟ ଜମି ବ୍ୟବସ୍ଥା ତଥା କାର୍ଯ୍ୟକ୍ରମ ନିମନ୍ତେ ଜାଗା ଡିଏମ୍‌ଏଫ. ସୌଜନ୍ୟରେ ଯୋଗାଇ ଦେବାକୁ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏଠାରେ


ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭଗାମୁଣ୍ଡା ଟସର ପାର୍କ ପରିଦର୍ଶନ କରୁଛନ୍ତି।

ଉତ୍ପାଦିତ ସାମଗ୍ରୀର ବିପଣନ ପାଇଁ କେନ୍ଦୁଝର ଓ ଭୁବନେଶ୍ୱରରେ ସ୍ୱତନ୍ତ୍ର ଷ୍ଟୋର ଖୋଲାଯିବା ସହିତ ଏହାର ବିକ୍ରୟର ବ୍ୟାପକତା ପାଇଁ କର୍ପୋରେଟ୍ ସେକ୍ଟରକୁ ଅନୁବନ୍ଧିତ କରାଯିବ। ଟସର କୋକନ, ଟସର ମଞ୍ଜି ଇତ୍ୟାଦି ଉତ୍ପାଦନ ପାଇଁ ଅଧିକ ସଂଖ୍ୟକ ପରିବାରକୁ ସାମିଲ୍ କରାଯାଇ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି। ରବିବାର ପୂର୍ବାହ୍ନରେ ସର୍କିଟ୍ ହାଉସ୍‌ଠାରେ ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ । ପ୍ରାରମ୍ଭରେ ଜିଲାପାଳ ଆଶିଷ ଠାକରେ ଜିଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଓ ଏହାର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମହାପାତ୍ର କାନପୁର ଜଳସେଚନ ପ୍ରକଳ୍ପ ନିର୍ମାଣର ଅଗ୍ରଗତି, ଆନନ୍ଦପୁର ବ୍ୟାରେଜ୍ ସମ୍ପର୍କରେ ବିଶଦ ଭାବେ ସମୀକ୍ଷା କରିବା ସହିତ ଡିଏମ୍‌ଏଫ୍. ଓ ଓଏମ୍‌ବିଏଡିସି ଅନ୍ତର୍ଗତ ବିଭିନ୍ନ କ୍ଷେତ୍ରରେ ଯଥା ଭିତିଭୂମି ବିକାଶ, ରାସ୍ତା ନିର୍ମାଣ, ଜୀବିକା କ୍ଷେତ୍ରରେ ଡିଏମ୍‌ଏଫ୍ ତରଫରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଶ୍ରମଜୀବୀମାନଙ୍କ ପାଇଁ ମଜୁରୀ ବୃଦ୍ଧି, କୃଷି, ଉଦ୍ୟାନ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଦକ୍ଷତା ବିକାଶ, ଜୀବିକା ମିଶନ, କ୍ଷୁଦ୍ର ଜଳସେଚନ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ପ୍ରକଳ୍ପ ବିଷୟରେ ବୁଝିଥିଲେ। ଜିଲାପାଳ ଆଶିଷ ଠାକରେ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଏସ୍‌ପି ଅଫିସ୍ ସମ୍ମୁଖରେ ଗଣଧାରଣା


ଏସ୍‌ପି ଅଫିସ୍ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଗଣଧାରଣା ଦିଆଯାଇଛି।

ବାଲେଶ୍ୱର ଅଫିସ, ୨୧।୧୨

ରାଜ୍ୟରେ ଦିନକୁ ଦିନ ଶିଶୁ ନିଖୋଜ, ନାବାଳିକା ଅପହରଣ, ଯୌନ ନିର୍ଯାତନା, ଗଣବଳାତ୍କାର ଭଳି ସମ୍ବେଦନଶୀଳ ଘଟଣା ବଢ଼ିବାରେ ଲାଗିଛି। ଏହି ସମ୍ବେଦନଶୀଳ ଘଟଣାଗୁଡ଼ିକୁ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହା ପ୍ରତିବାଦରେ ପ୍ରଦେଶ କଂଗ୍ରେସ ନିଷ୍ପତ୍ତିକ୍ରମେ ତଥା ରାଜ୍ୟ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବାଲେଶ୍ୱର ଜିଲା ଏସ୍‌ପି ଅଫିସ୍ ସମ୍ମୁଖରେ ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରିଙ୍କ ପୌରୋହିତ୍ୟରେ ସୋମବାର ବିକ୍ଷୋଭ ଓ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ଅନନ୍ତ ପ୍ରସାଦ ସେଠୀ ଯୋଗଦେଇ ନାରୀ ସୁରକ୍ଷା କ୍ଷେତ୍ରରେ ନବୀନ ସରକାର ସମ୍ପୂର୍ଣ୍ଣ ରୂପେ ଅସଫଳ ରହିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ନୀଳଗିରିର ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବସ୍ତା ନିର୍ବାଚନମଣ୍ଡଳୀ ନେତା ବିଜନ ନାୟକ, ଭୋଗରାଇ ନେତା ସତ୍ୟଶିବ ଦାସ, ମହିଳାନେତ୍ରୀ ଅର୍ଚ୍ଚନା ନନ୍ଦୀ, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ବସ୍ତା ଯୁବ କଂଗ୍ରେସ ସଭାପତି ସୁଧାଂଶୁ ଶେଖର ଜେନା ପ୍ରମୁଖ ଯୋଗଦେଇ ପରୀ ହତ୍ୟାକାଣ୍ଡର ଠିକ୍ ତଦନ୍ତ କରି ଦୋଷୀଙ୍କୁ ଯଥାଶୀଘ୍ର ଗିରଫ କରାଯିବା ଓ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦିଆଯିବା ଲାଗି ଦାବି କରିଥିଲେ।

# ଓଭରବ୍ରିଜ୍ ମରାମତି କାର୍ଯ୍ୟ ମନ୍ଥର, ନିମ୍ନମାନର ଅଭିଯୋଗ

ବାଲେଶ୍ୱର ଅଫିସ, ୨୧।୧୨

ବହୁ ଦାବି, ଆନ୍ଦୋଳନ ପରେ ବାଲେଶ୍ୱର ଓଭରବ୍ରିଜ୍ ମରାମତି କାର୍ଯ୍ୟ ଚାଲିଛି। ମରାମତି କାର୍ଯ୍ୟ ମନ୍ଥର ଓ ନିମ୍ନମାନର ହେଉଥିବା ନେଇ ସିଭିଲ ସୋସାଇଟିର ସଦସ୍ୟମାନେ ସୋମବାର ଜିଲାପାଳ ଓ ରାଜ୍ୟ ସରକାରଙ୍କ ବିଭାଗୀୟ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲାପାଳ ସମ୍ବିତ ନାୟକ ପ୍ରତିନିଧିମାନଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରି ଏହାର ପ୍ରତିକାର ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ବାଲେଶ୍ୱର ଉଡ଼ନ୍ତାପୋଲ ସୁରକ୍ଷା ମଞ୍ଚ, ବାଲେଶ୍ୱର ସିଭିଲ୍ ସୋସାଇଟି ଓ ବହୁ ସଙ୍ଗଠନର ଦାବି ଓ ଆନ୍ଦୋଳନ ପରେ ରାଜ୍ୟ ସରକାର ଆବଶ୍ୟକ ଅର୍ଥମଞ୍ଜୁର କରି ଦିଲ୍ଲୀର ହରକୁଲେସ୍ ଷ୍ଟ୍ରକ୍ଚରାଲ୍ ସିଷ୍ଟମ୍ କମ୍ପାନୀକୁ ମରାମତି ଦାୟିତ୍ୱ ଦେଇଛନ୍ତି। ଓଭରବ୍ରିଜ୍ ତଳଅଂଶରେ ସମ୍ପୂର୍ଣ୍ଣ ଉଚ୍ଛେଦ କାର୍ଯ୍ୟ ଶେଷ ନ କରି ମରାମତି କାର୍ଯ୍ୟ ହୋଇପାରିବ ନାହିଁ ବୋଲି ନିର୍ମାଣକାରୀ ଠିକାଦାର ସଂସ୍ଥା ଓ ବୈଷୟିକ ଅଧିକାରୀମାନେ ମତ ଦେଇଛନ୍ତି। ବର୍ତ୍ତମାନ ଉଚ୍ଛେଦ ପ୍ରକ୍ରିୟା ଶେଷ ନ କରି କିପରି ମରାମତି କାର୍ଯ୍ୟ ହୋଇପାରିବ ବୋଲି ସୋସାଇଟି ଆଶଙ୍କା ପ୍ରକାଶ କରିଛି। ମରାମତି କାର୍ଯ୍ୟ ଚାଲୁଥିବା ବେଳେ କାର୍ଯ୍ୟସ୍ଥଳରେ ମାନ ଦେଖିବାକୁ କୌଣସି ଅଧିକାରୀ ଉପସ୍ଥିତ ରହୁ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଜିଲାପାଳ ଏବଂ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ସୋସାଇଟି ଦାବି କରିଛି। ସିଭିଲ୍ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସମ୍ପାଦକ ମନୋଜ ନାୟକ, ଜିଲା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ସମେତ ବିଭିନ୍ନ ଗଣସଙ୍ଗଠନ ତରଫରୁ ଗୌରାଙ୍ଗ ପାଣିଗ୍ରାହୀ, ସନ୍ତୋଷ କୁମାରସାହୁ, ଦୁର୍ଗାପ୍ରସନ୍ନ ଦାଶ, ସନ୍ତୋଷ ମିଶ୍ର, ସନ୍ଧ୍ୟା ଭୂୟାଁ, ଦେବାଶିଷ ପାତ୍ର, ପ୍ରସନ୍ନ କୁମାର ପାଢ଼ୀ, ବରିଷ୍ଠ ଖବରଦାତା ଦେବବ୍ରତ ପାଣିଗ୍ରାହୀ ଓ ରତିକାନ୍ତ ପାତ୍ର, ଜଗଜୀବନ ଦାଶ, ଡ. ଶିରିଶ ଚନ୍ଦ୍ର ଜେନା, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପ୍ରଦୀପ ଚାଟାର୍ଜୀ ଓ ଅଭିମନ୍ୟୁ ପାକଳ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।


ଦାବିପତ୍ର ସହ ସିଭିଲ୍ ସୋସାଇଟିର ସଦସ୍ୟ।

## ଆବାସ ଯୋଜନାରେ ହେର୍‌ଫେର୍ ଅଭିଯୋଗ

କେନ୍ଦୁଝର,୨୧।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ହେରଫେର ହୋଇଥିବା ବେଳେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ ପାଇଛି। ଘର ନିର୍ମାଣ ଶେଷ ନ ହୋଇ ବିଲ୍ ପଇଠ ହୋଇଥିବା ଅଭିଯୋଗ ହେଉଛି। ଫଳରେ ଶତାଧିକ ଘର ଅସମ୍ପୂର୍ଣ୍ଣ ହୋଇ ରହିଛି। ଘର ପାଇ ମଧ୍ୟ ଗରିବ ଲୋକେ ଭଙ୍ଗା ଘରେ ଦୁଃଖଦ ଜୀବନ କାଟୁଛନ୍ତି। ସଦର ବ୍ଲକ ରଘୁନାଥପୁର ଗ୍ରାମରୁ ଏଭଳି ଅଭିଯୋଗ ଆସିଛି। ଉକ୍ତ ଗ୍ରାମରେ ୧୧ ଜଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିଲେ। କିନ୍ତୁ ଘର ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ବିଲ ଉଠାଯାଇଥିବା ଅଭିଯୋଗ ହୋଇଛି । ତେବେ ବିନା ଘର ସମ୍ପୂର୍ଣ୍ଣ ନ ହୋଇ କିପରି ଜିଓ ଟ୍ୟାଗିଂ କରାଯାଇ ବିଲ ପଇଠ ହୋଇଛି ତାହାର ତଦନ୍ତ ହେବା ଜରୁରୀ ବୋଲି ବିଧାୟକ ମୋହନ ମାଝୀ ପ୍ରଶ୍ନ କରିଛନ୍ତି। ଏଭଳି କେନ୍ଦୁଝର ଜିଲାରେ ବହୁ ଘର ଅସମ୍ପୂର୍ଣ୍ଣ ହୋଇ ରହିଥିବା ବେଳେ ଗରିବ ଲୋକ ମାନେ ବର୍ଷା, ଶୀତକାକରରେ ବହୁ କଷ୍ଟରେ ଭଙ୍ଗା ଦଦରା ଘରେ ରହିବାକୁ ବାଧ ହେଉଥିବାରୁ ଉଚ୍ଚ ସ୍ତରୀୟ ତଦନ୍ତ ହେବା ଜରୁରୀ ବୋଲି କହିଛନ୍ତି ।

# 'ବଢୁଛି ଶିଶୁ ଅପହରଣ'


ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ସାମିଲ କଂଗ୍ରେସ କର୍ମକର୍ତ୍ତା।

ବାରିପଦା ଅଫିସ,୨୧।୧୨

ମୟୂରଭଞ୍ଜ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଜିଲା କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିଲା। ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲା ସଭାପତି ହେମନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଶତାଧିକ କର୍ମକର୍ତ୍ତା ଓ ନେତୃବୃନ୍ଦ ଉପସ୍ଥିତ ଥିଲେ। ସେମାନେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଥିବା ନେଇ ବକ୍ତବ୍ୟ ରଖିଥିଲେ। ରାଜ୍ୟରେ ବଳାତ୍କାର ଓ ନିର୍ଯାତନା, ଶିଶୁ ଅପହରଣ, ବଳାତ୍କାର ଓ ହତ୍ୟା, ଚୋରି, ଡକାୟତି ଆଦି ବୃଦ୍ଧି ପାଇଛି। ପୋଲିସର ନିଷ୍କ୍ରିୟତା ପାଇଁ ଦିନକୁଦିନ ଆଇନଶୃଙ୍ଖଳା ପରିସ୍ଥିତି ଜଟିଳ ହେବାରେ ଲାଗିଛି ବୋଲି ସଭାରେ କୁହାଯାଇଥିଲା। ପୂର୍ବତନ ଏମ୍‌ପି ସୁଶୀଳା ତିରିଆ, ବରିଷ୍ଠ ନେତା ବିଜନ ଦାସ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ଅଶୋକ ଅଧିକାରୀ, ଜ୍ୟୋତିପ୍ରକାଶ ରଥ, ଅରବିନ୍ଦ ଦାସ, ବିଜୟ ସିଂ, ସୁସ୍ମିତା ଘୋଷାଲ, ସୁନନ୍ଦା ସାହୁ, ଇତିଶ୍ରୀ ମିଶ୍ର, ଇନ୍ଦୁମତି ମହାନ୍ତି, ଯୋଗେଶ ଅଗ୍ରୱାଲ, ସୁଦୀପ ମନ୍ତ୍ରୀଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ସାମିଲ ଥିଲେ।

# ଧାମରା ବନ୍ଦର କର୍ମଚାରୀ ସଂଘ ପକ୍ଷରୁ ପ୍ରତିବାଦ ସଭା

ଭଦ୍ରକ ଅଫିସ,୨୧।୧୨

ଭଦ୍ରକ ଜିଲା ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ଭାରତୀୟ ମଜଦୁର ସଂଘ ଓ ଏହାସହ ଅନୁବନ୍ଧିତ ଧାମରା ବନ୍ଦର କର୍ମଚାରୀ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ମଜଦୁର ସଂଘର ଜିଲା ସଭାପତି ମନୋଜ ବସନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବନ୍ଦର କର୍ମଚାରୀ ସଂଘର ସଭାପତି ଶାନ୍ତନୁ ମହାପାତ୍ର କହିଥିଲେ ଯେ, ବନ୍ଦର କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ ବୋନସ ପ୍ରଦାନ ନ କରି ସେମାନଙ୍କଠାରୁ ହକ୍ ଛଡ଼ାଇ ନେଇଛନ୍ତି, ବନ୍ଦରରେ କାର୍ଯ୍ୟଭାର ନେଉଥିବା କଣ୍ଟ୍ରାକ୍ଟରମାନେ ଆକ୍ରୋଶମୂଳକ ଭାବେ ଶ୍ରମିକଙ୍କୁ ଛଟେଇ କରୁଛନ୍ତି, କର୍ମଚାରୀଙ୍କୁ ଇପିଏଫ୍ ସ୍ଲିପ ଦେଉ ନ ନାହାନ୍ତି। ଶ୍ରମିକ ଓ କର୍ମଚାରୀଙ୍କୁ ଇଏସ୍‌ଆଇ ପରିସରଭୁକ୍ତ ନ କରିବା, ଏଲ୍‌ଏନ୍‌ଜି ଟର୍ମିନାଲରେ କର୍ମଚାରୀ ଓ ଶ୍ରମିକଙ୍କୁ ପରିଚୟପତ୍ର ନ ଦେବା ଏବଂ ଓଭର ଟାଇମ୍ ପ୍ରାପ୍ୟ ଦେଉ ନ ଥିବା ଅଭିଯୋଗ କରି ସେ ବର୍ଷିଥିଲେ। ପ୍ରଥମେ ସଂଘର କର୍ମକର୍ତ୍ତା ଓ ସମର୍ଥକମାନେ ବାଲଗୋପାଳ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଆନ୍ଦୋଳନରେ ସଙ୍ଗଠନ ସମ୍ପାଦକ ପରେଶ ନାଥ ଧଳ, ବନ୍ଦର କର୍ମଚାରୀ ସଂଘର ସମ୍ପାଦକ ପ୍ରଫୁଲ୍ଲ ସେଠୀ, ମନୋଜ ଲେଙ୍କା, ବିଜୟ ପ୍ରତାପ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ୨୩ରେ ସର୍ବଭାରତୀୟ ମହାବୀର କ୍ରିକେଟ୍ ଟୁର୍ନାମେଣ୍ଟ

ସୋର, ୨୧।୧୨(ଡି.ଏନ.ଏ.)

ସୋର ବ୍ଲକ ବାଗୁଡ଼ି ମହାବୀର ଖେଳ ପଡ଼ିଆରେ ମହାବୀର କ୍ଲବ ଆନୁକୂଲ୍ୟରେ ୨୨ତମ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଚଳିତବର୍ଷ କୋଭିଡ୍-୧୯ କଟକଣା କାରଣରୁ ଏହା ୭ ଦିନ ବଦଳରେ ୩ ଦିନରେ ସୀମିତ କରାଯାଇଛି। ଏହା ଆସନ୍ତା ୨୩ରୁ ଆରମ୍ଭ ହୋଇ ୨୫ ତାରିଖ ବଡ଼ଦିନରେ ଶେଷ ହେବ। ଏଥିରେ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର, ସୋଲାର ଏକାଡେମୀ କଟକ, ୟୁ ଏଣ୍ଡ ମି ବାଲେଶ୍ୱର, ବେଷ୍ଟ-୧୧ ଝାଡ଼ଖଣ୍ଡ ଟିମ୍ ଅଂଶଗ୍ରହଣ କରିବା ପାଇଁ ସହମତି ପ୍ରଦାନ କରିଥିବା କ୍ଲବର ସଭାପତି ଅଖିଳରାମ ଜେନା ସୂଚନା ପ୍ରଦାନ କରଛନ୍ତି।

# କେନ୍ଦୁଝରରେ କଂଗ୍ରେସର ବିକ୍ଷୋଭ

କେନ୍ଦୁଝର,୨୧।୧୨ (ସ୍ୱ.ପ୍ର./ଡି.ଏନ.ଏ.)

ଶିଶୁ ହତ୍ୟା, ଶିଶୁ ଅପରହଣ ଓ ଶିଶୁ ନିର୍ଯାତନା ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ସରକାରଙ୍କର ଚରମ ବିଫଳତା ପ୍ରତିବାଦରେ କଂଗ୍ରେସ ଦଳ ପକ୍ଷରୁ ବିକ୍ଷୋଭ କରାଯାଇଛି। ସୋମବାର କେନ୍ଦୁଝର କଂଗ୍ରେସ ଭବନରୁ ଏକ ଶୋଭାଯାତ୍ରାରେ ବାହାରି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦୁଝର ସଦର ବ୍ଲକର ପୂର୍ବତନ ଜୋନ ସଭାପତି ଉତ୍ତମ କୁମାର ସାହୁଙ୍କ ସଂଯୋଜନାରେ କଂଗ୍ରେସ ନେତୃବୃନ୍ଦ ଏବଂ କର୍ମୀ ମାନଙ୍କ ସମେତ ଆର୍ତ୍ତତ୍ରାଣ ଦାସ, ପ୍ରବୀଣା ଦଣ୍ଡପାଟ, କୌଶିକ ଜେନା, ବୁନୁ ପରିଡା, ଶିବାନନ୍ଦ ବାରିକ, ସତ୍ୟା ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଜିଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ର ଯୋଗଦେଇ ପ୍ରକାଶ କରିଥିଲେ ଯେ ରାଜ୍ୟରେ ବର୍ତ୍ତମାନ ଦିନକୁ ପ୍ରାୟ ୧୧ ଜଣ ଶିଶୁ ନିଖୋଜ ହେଉଛନ୍ତି । ଯାହାକି ଅତ୍ୟନ୍ତ କ୍ଷୋଭ ଓ ପରିତାପର ବିଷୟ। ପରିବାର ବର୍ଗଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲେ ବି ପୋଲିସର ଅତ୍ୟନ୍ତ ମନ୍ଥର ତଦନ୍ତ ଉପରେ ଜନସାଧାରଣଙ୍କର ବି ଭରସା ନାହିଁ। ଜିଲା ଆରକ୍ଷୀ ଅଧୀକ୍ଷକ ଏବଂ ଜିଲାପାଳ ମାନେ ଯେପରି ତତ୍ପରତା ଦେଖାଇବା କଥା ତାହା ପରିଲକ୍ଷିତ ହେଉନାହିଁ । ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ରୂପେ ଭୁଶୁଡି ପଡିଛି। ତେଣୁ ଜନସାଧାରଣ ସ୍ୱର ଉତ୍ତୋଳନ କରି ତୀବ୍ର ପ୍ରତିବାଦ କରିବା ପାଇଁ କଂଗ୍ରେସ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା।

# କୈଳାସ ହେଲେ ଜିଲା ସଂଘ ଚାଳକ

କେନ୍ଦୁଝର, ୨୧।୧୨ (ସ୍ୱ.ପ୍ର.)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍)ର ଜିଲା ସଂଘ ଚାଳକ ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରତି ତିନି ବର୍ଷରେ ଏହି ନିର୍ବାଚନ ହୋଇଥାଏ । ନିର୍ବାଚନ ଅଧିକାରୀ ନଳିନୀକାନ୍ତ ମହାନ୍ତଙ୍କ ତତ୍ତ୍ୱାବଧାନରେ ଓ ପ୍ରାନ୍ତୀୟ ନିରୀକ୍ଷକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ନୂତନ ସଂଘ ଚାଳକ ଭାବେ ପୁନର୍ବାର କୈଳାସ ଚନ୍ଦ୍ର ମହାପାତ୍ର ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଜିଲା କାର୍ଯ୍ୟବାହ ବିନୋଦ ବିହାରୀ ମହାନ୍ତ, ସହ ଜିଲା କାର୍ଯ୍ୟବାହ ପ୍ରଦୀପ୍ତ କୁମାର ସାହୁ, ଜିଲା ପ୍ରଚାର ପ୍ରମୁଖ ଦେବରାଜ ଆଚାର୍ଯ୍ୟ, ଶାରିରୀକ ପ୍ରମୁଖ ଅମୂଲ୍ୟ ସାହୁ, ମୋହନ ମହାନ୍ତ, ମହେନ୍ଦ୍ର ସାହୁ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅକ୍ଷୟ ଜେନା, ପ୍ରହଲ୍ଲାଦ ସାହୁ, ସଞ୍ଜୀବ ପଣ୍ଡା, ମୋହନ ଲାଲ ମହାନ୍ତ, ମହେଶ୍ୱର ମହାନ୍ତ ଘୋଷିତ ହୋଇଛନ୍ତି।


ନୂତନ ଗଠିତ ଆରଏସଏସର ଜିଲା ସଂଘ କାର୍ଯ୍ୟକର୍ତ୍ତା।

# ପିଡିଏସ୍ ସାମଗ୍ରୀ ପାଉନାହାନ୍ତି ହିତାଧିକାରୀ

ବାରିପଦା ଅଫିସ, ୨୧।୧୨

ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ ଅଧୀନ ପାନପତ୍ରିଆ ପଞ୍ଚାୟତର କେତେକ ହିତାଧିକାରୀ ପିଡିଏସ୍ ସାମଗ୍ରୀ ପାଇବାରୁ ବଞ୍ଚିତ ରହିଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏନେଇ ଲୋକେ ମୟୂରଭଞ୍ଜ ଜିଲାପାଳ, କରଞ୍ଜିଆ ଉପଜିଲାପାଳ ଓ ୫ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଖୁବ୍‌ଶୀଘ୍ର ଏ ଦିଗରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

ଏପ୍ରିଲଠାରୁ ଅଦ୍ୟାବଧି ମାଗଣାରେ ମିଳୁଥିବା ଡାଲି, ଚାଉଳ, ବୁଟ ଏବଂ ୧ହଜାର ଟଙ୍କା କେତେକ ହିତାଧିକାରୀ ପାଇପାରିନାହାନ୍ତି। ଜୁଲାଇରୁ ଅଦ୍ୟାବଧି କିରୋସିନ ଦିଆଯାଇ ନ ଥିବା ବେଳେ ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ ଦିଗହରା ହୋଇଯାଇଛି। ମହାମାରୀ କୋଭିଡ-୧୯ ସମୟରେ ସରକାରଙ୍କ ପକ୍ଷରୁ ମିଳୁଥିବା ଖାଦ୍ୟଶସ୍ୟ ଓ ଆର୍ଥିକ ସହାୟତାରୁ ଅଭିଯୋଗକାରୀମାନେ ବଞ୍ଚିତ ହୋଇଛନ୍ତି । ନାଏବ ସରପଞ୍ଚ ଯଯାତି ବିରୁଆ, ୱାର୍ଡସଭ୍ୟା ନନ୍ଦିନୀ ହେସା, ଜନାର୍ଦ୍ଦନ ଗିରି ଓ ସୁଧୀର ହେସାଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗ ବିଡିଓଙ୍କୁ ପ୍ରଦାନ କରାଯାଇଛି। ବହୁ ଲୋକ ଚାଉଳ ନ ପାଇ ହଇରାଣ ହରକତ ହେଉଥିବା ବେଳେ ପୋକରା ଚାଉଳ ଓ ଡାଲି ପ୍ରଦାନ କରାଯାଉଥିବା ନେଇ ଶିବପ୍ରସାଦ ଗିରି, ମୁରଲୀଧର ଗିରି, ପୂର୍ଣ୍ଣଚନ୍ଦ୍ର ହେସା ପ୍ରମୁଖ ପ୍ରକାଶ କରିଛନ୍ତି। ସେହିପରି ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଓ ଆବାସ ଗୃହ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ନେଇ ପଞ୍ଚାୟତରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ କରଞ୍ଜିଆ ଉପଜିଲାପାଳ ରଜନୀକାନ୍ତ ବିଶ୍ୱାଳ କହିଛନ୍ତି, ଅଭିଯୋଗ ପାଇବା ପରେ ତଦନ୍ତ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏବିଡିଓ ସର୍ବେଶ୍ୱର ପଲେଇ କହନ୍ତି, ହିତାଧିକାରୀଙ୍କୁ ଚାଉଳ, ଡାଲି, କିରୋସିନ ପ୍ରଦାନ କରାଯିବ ଏବଂ ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି । ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ରଣଜିତ ଗିରି, ଲୋକନାଥ ଲାଗୁରି, ପ୍ରଶାନ୍ତ କୁମାର ଗିରି, ସୁଲୋଚନା ନାଏକ, ମନୋରଞ୍ଜନ ଗିରି ପ୍ରମୁଖ ଦାବି କରିଛନ୍ତି।

# 'ନିୟନ୍ତ୍ରଣ ବାହାରେ ଆଇନଶୃଙ୍ଖଳା ପରିସ୍ଥିତି'



ଏସ୍‌ପି ଅଫିସ ସମ୍ମୁଖରେ କଂଗ୍ରେସ କର୍ମକର୍ତ୍ତା ଧାରଣା ଦେଇଛନ୍ତି।

ଭଦ୍ରକ ଅଫିସ,୨୧।୧୨

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଭଦ୍ରକ ଜିଲା କଂଗ୍ରେସ କମିଟି ପକ୍ଷରୁ ଏସ୍‌ପି ଅଫିସ ସମ୍ମୁଖରେ ସୋମବାର ଗଣଧାରଣା ଦିଆଯାଇଥିଲା। ସଭାପତି ସୁବ୍ରତ ଦାସଙ୍କ ନେତୃତ୍ୱରେ ଦଳୀୟ ସମର୍ଥକମାନେ ଧାରଣା ଦେଇଥିଲେ। ଦୈନିକ ରାଜ୍ୟରେ ଶିଶୁ ନିଖୋଜ, ନାବାଳିକା ବଳାତ୍କାର ଭଳି ଘଟଣା ଘଟିବାରେ ଲାଗିଛି। ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ବାହାରେ ବୋଲି କୁହାଯାଇଥିଲା। ସରକାରୀ ଅଣଦେଖାକୁ ସମାଲୋଚନା କରି ଶାନ୍ତିପୂର୍ଣ୍ଣ ଭାବେ ଏହି ଗଣଧାରଣା ଦିଆଯାଇଥିବା ବେଳେ ଆଗକୁ ଏହା ଉଗ୍ରରୂପ ଧାରଣ କରିବ ବୋଲି ଚେତାବନୀ ଦିଆଯାଇଥିଲା। ଜିଲା ସଭାପତିଙ୍କ ସହ ପୂର୍ବତନ କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି, ମଧୁମିତା ସେଠୀଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଯୋଗ ଦେଇଥିଲେ।

## ନିଆଁ ପୋଉଁଥିବା ବେଳେ ବୃଦ୍ଧାଙ୍କ ଜୀବନ ଗଲା

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଚିଲିଦା ଗ୍ରାମର ୬୫ ବର୍ଷୀୟା ବୃଦ୍ଧା ପାର୍ବତୀ ମହାନ୍ତ ଶୀତରୁ ରକ୍ଷା ପାଇଁ ରବିବାର ସନ୍ଧ୍ୟାରେ ନିଆଁ ପୋଉଁଥିବା ବେଳେ ଶାଢ଼ୀରେ ନିଆଁ ଲାଗିଯାଇଥିଲା। ଫଳରେ ତାଙ୍କ ଶରୀରର ୪୦ ପ୍ରତିଶତ ପୋଡିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୋମବାର ତାଙ୍କର ମୃତ୍ୟୁ ଘଟିଛି। ତୁରୁମୁଙ୍ଗା ପୋଲିସ ଅପମୃତ୍ୟୁ ମାମଲା (ନଂ.୩୮/୨୦) ରୁଜୁ କରିଛି।

**ସଂକ୍ଷେପରେ**

## ଖୋଲିବ ଆଖଣ୍ଡଳମଣି ମନ୍ଦିର

ଭଦ୍ରକ ଅଫିସ,୨୧।୧୨: କରୋନା ପାଇଁ ସାଧାରଣ ଦର୍ଶନ ବନ୍ଦ ରହିଥିବା ଭଦ୍ରକ ଜିଲା ଆରଡ଼ି ସ୍ଥିତ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ଖୋଲିବ। ସୋମବାର ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ଟୁଇଟ୍ କରି ଏ ସମ୍ପର୍କରେ ଜଣାଇଛନ୍ତି। ସରକାରଙ୍କ ନିଷ୍ପତ୍ତି କ୍ରମେ ମନ୍ଦିର ଟ୍ରଷ୍ଟବୋର୍ଡ, ସେବାୟତଙ୍କ ସହ ଆଲୋଚନା ପରେ ସମ୍ପୂର୍ଣ୍ଣ କୋଭିଡ୍ କଟକଣା ମଧରେ ମନ୍ଦିର ଖୋଲାଯିବ। ପ୍ରଥମେ ଆସନ୍ତା ୨୮ ଓ ୨୯ ତାରିଖରେ ସେବାୟତଙ୍କ ପରିବାର ଲୋକଙ୍କ ଦର୍ଶନ ଓ ପୂଜା ପାଇଁ ଅନୁମତି ଦିଆଯାଉଛି। ୩୦ ଓ ୩୧ ତାରିଖରେ ସ୍ଥାନୀୟ ଅଧିବାସୀ ପୂଜାର୍ଚ୍ଚନା ଓ ଦର୍ଶନ କରିବେ। ଏହି ସ୍ଥାନୀୟ ଅଧିବାସୀ ଭାବେ ୪ ପଞ୍ଚାୟତ ଯଥା ଆରଡ଼ି, ନାନ୍ଦପୁର, ଓଲଗ ଓ ସୁନ୍ଦରପୁରକୁ ନିଆଯାଇଛି। ଜାନୁୟାରୀ ୧ ଓ ୨ରେ ମନ୍ଦିର ବନ୍ଦ ରହିବ। ୩ ତାରିଖଠାରୁ ସାଧାରଣ ଦର୍ଶନ ଆରମ୍ଭ ହେବ। ପ୍ରତି ଭକ୍ତଙ୍କ ମଧରେ ୬ ଫୁଟର ସାମାଜିକ ଦୂରତା ରକ୍ଷା ଓ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ଧୁଷୁରୀ ଓ ଆରଡ଼ି ପୋଲିସ, ଚାନ୍ଦବାଲି ତହସିଲଦାର ଏବଂ ବିଡିଓ ଏହାର ତଦାରଖ କରିବେ ବୋଲି ଜିଲାପାଳ ଟୁଇଟ୍ କରିଛନ୍ତି।

## ମୋ ସ୍କୁଲ ଅଭିଯାନକୁ ଡାକ୍ତରଙ୍କ ସହାୟତା

ଖଇରା, ୨୧।୧୨(ଡି.ଏନ.ଏ.): ବିଭିନ୍ନ ସ୍କୁଲର ଉନ୍ନତି ପାଇଁ ପୁରାତନ ଛାତ୍ର ଓ ସରକାରଙ୍କ ସହଭାଗିତାରେ ଆରମ୍ଭ ହୋଇଥିବା ମୋ ସ୍କୁଲ ଅଭିଯାନକୁ ସଫଳ କରିବା ପାଇଁ ଖଇରା ବ୍ଲକରେ ପ୍ରୟାସ କରାଯାଇଛି। ଖଇରା ବ୍ଲକ ପଳସା ପଞ୍ଚାୟତ ଅଧୀନ ନଛିପୁର ସ୍କୁଲ ସମୂହରେ ପୁରାତନ ଛାତ୍ରୀଛାତ୍ରମାନେ ସ୍କୁଲର ଉନ୍ନତି ପାଇଁ ଗାଁ ଗାଁ ବୁଲି ପୁରାତନ ଛାତ୍ର ଓ ଅଭିଭାବକଙ୍କୁ ଭେଟି ଅର୍ଥ ସଂଗ୍ରହ କାମରେ ଲାଗି ପଡିଛନ୍ତି। ଏହି ଅବସରରେ ନଛିପୁର ଉ.ପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ମାୟାଧର ବୈଶାଖ ଓ ସହକାରୀ ଶିକ୍ଷକ ସୁଦର୍ଶନ ସେଠୀ ପ୍ରମୁଖ ଏହି ବିଦ୍ୟାଳୟର ପୁରାତନ ଛାତ୍ର ତଥା ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା ରାଜେନ୍ଦ୍ର କୁମାର ସେନାପତିଙ୍କୁ ରବିବାର ତାଙ୍କ ବାସଭାବନରେ ଭେଟି ମୋ ସ୍କୁଲ ଅଭିଯାନ ସମ୍ପର୍କରେ ଅବଗତ କରାଇବା ପରେ ସେ ଏକାଉଣ୍ଟକୁ ୨୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହି ପ୍ରକ୍ରିୟା ମଧ ଆଗକୁ ଜାରି ରହିବ ବୋଲି ପ୍ରଧାନଶିକ୍ଷକ ମାୟାଧର ନାୟକ ପ୍ରକାଶ କରିଛନ୍ତି।

## ଗୁରୁତର ଶ୍ରମିକଙ୍କ ମୃତ୍ୟୁ

ସୋର, ୨୧।୧୨(ଡି.ଏନ.ଏ.): ସୋର ଥାନା ମହୁମୁହାଣ ଗ୍ରାମ ନିକଟ ବାହ୍ମଣେଇ ଖୋଲ ନିକଟରେ ଏକ ଟ୍ରାକ୍ଟର ଓଲଟି ଗୁରୁତର ହୋଇପଡିଥିବା ଜଣେ ଶ୍ରମିକଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଟ୍ରାକ୍ଟର ପାହାଡ଼ ମାଟି ବୋଝେଇ କରି ଫେରୁଥିବା ବେଳେ ଭାରସାମ୍ୟ ହରାଇ ଓଲଟିପଡ଼ିବାରୁ ଶ୍ରମିକ ମଲ୍ଲୀଚୁଆ ଗ୍ରାମର ବାପୁନ ସିଂ (୨୩) ଡାଲା ତଳେ ଚାପିହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରବିବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ତାଙ୍କର ପରିବାର ଲୋକେ ମୃତଦେହ ଆଣି ବାଗୁଡ଼ି ଖାଦାନ ସଂଘ ନିକଟରେ ରଖି ସହାୟତା ଦାବି କରିଥିଲେ। ସଂଘ ତରଫରୁ ମୃତକଙ୍କ ପରିବାରକୁ ଶବ ସତ୍କାର ପାଇଁ ୨୦ହଜାର ଟଙ୍କା ପ୍ରଦାନ କରାଯିବା ପରେ ପୈତୃକ ଗ୍ରାମ ମଲ୍ଲିଚୁଆରେ ସଂସ୍କାର କରାଯାଇଛି।

# ଭୁଲ୍ ଔଷଧ ଦେବାକୁ ନେଇ ଉତ୍ତେଜନା

ବସ୍ତା,୨୧।୧୨(ଡି.ଏନ.ଏ.)

**ମୁଖ୍ୟ ଫାଟକ ବନ୍ଦକଲେ ଗ୍ରାମବାସୀ**

ବାଲେଶ୍ୱର ଜିଲା ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ରୋଗୀଙ୍କୁ ଭୁଲ ଔଷଧ ଦିଆଯିବା ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା। ସମ୍ପୃକ୍ତ ରୋଗୀ ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇବା ପରେ ପରିସ୍ଥିତି ଉଗ୍ରରୂପ ଧାରଣ କରିଥିଲା। ଲୋକେ ଡାକ୍ତରଖାନାର ମୁଖ୍ୟ ଫାଟକ ବନ୍ଦ କରି ହୋହଲ୍ଲା କରିଥିଲେ। ଡାକ୍ତରଖାନା ଭାରପ୍ରାପ୍ତ ଅଧିକାରୀ ଦେବବ୍ରତ ଜେନା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ବସ୍ତା ବ୍ଲକ ଅଧୀନ ଦେଉଳପଡ଼ା ଗ୍ରାମର ସୁବାସିନୀ ଦଳାଇ ନାମକ ବୃଦ୍ଧାଙ୍କ ରକ୍ତଚାପ ବଢ଼ିଯିବାରୁ ସେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଡାକ୍ତରଙ୍କୁ ପରାମର୍ଶ କରିଥିଲେ। ଡାକ୍ତର ତାଙ୍କୁ ରକ୍ତଚାପ ହ୍ରାସ ପାଇଁ ଔଷଧ ଲେଖିଥିଲେ। ଡାକ୍ତରଖାନାର ଔଷଧ ବିତରଣ କେନ୍ଦ୍ରରୁ ସେ ଔଷଧ ଆଣି ଖାଇଥିଲେ। ଔଷଧ ଖାଇବା ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ସେ ପ୍ରେସକ୍ରିପଶନ ନେଇ ଅନ୍ୟ ଆଡେ ବୁଝାବୁଝି କରିଥିଲେ। ତାଙ୍କୁ ରକ୍ତଚାପ ହ୍ରାସ ଲାଗି ଔଷଧ ବଦଳରେ କାଛୁକୁଣ୍ଡିଆ ଔଷଧ ଦିଆଯାଇଥିବା ସେ ଜାଣିବାକୁ ପାଇଥିଲେ। ସୁବାସିନୀ ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଜଣାଇବା ପରେ ଉତ୍ତେଜନା ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ଡାକ୍ତରଖାନା ଭାରପ୍ରାପ୍ତ ଅଧିକାରୀ ଜେନା ରୋଗୀଙ୍କର ସ୍ୱାସ୍ଥ୍ୟବସ୍ଥା ଏବେ ଭଲ ଥିବା କହିଛନ୍ତି।


ଡାକ୍ତରଖାନା ମୁଖ୍ୟ ଫାଟକ ବନ୍ଦ କରି ଲୋକେ ହୋହଲ୍ଲା କରୁଛନ୍ତି।

# ଯୁବକଙ୍କୁ ଗୋଡ଼ାଇ ହାଣିବା ଘଟଣା, ୪ ଗିରଫ

ବାଲେଶ୍ୱର ଅଫିସ, ୨୧।୧୨

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ରେଲୱେ କଲୋନୀ ରାସ୍ତାରେ ଗତ ୧୪ ତାରିଖରେ ତେଲେଙ୍ଗାସାହିର ଜଣେ ଯୁବକଙ୍କୁ ଗୋଡ଼ାଇ ଅତି ନିର୍ମମ ଭାବେ ହାଣିବା ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ସହର ଭାସ୍କରଗଞ୍ଜ ଅଞ୍ଚଳର ବିନୋଦ ବିହାରୀ ଦାସ ଓ ସୁନୀଲ ବେହେରା, ଛତରସାହିର ଆକାଶ ପାତ୍ର ଓ ଗୁଡ଼ିପଦାର ଶିବଶଙ୍କର ବେହେରା। ଏମାନଙ୍କ ନିକଟରୁ ଗୋଟିଏ ତେଲେଙ୍ଗା କଟୁରୀ, ଗୋଟିଏ ମୋବାଇଲ ଫୋନ୍ ଏବଂ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି। ତାଙ୍କ ବିରୋଧରେ ସହଦେବଖୁଣ୍ଟା ଥାନାରେ ଏକ ମାମଲା (ନଂ. ୩୪୫/୨୦) ରୁଜୁ କରାଯାଇଛି।

ଗତ ୧୪ତାରିଖରେ ତେଲେଙ୍ଗାସାହିର ଦିବ୍ୟଜିତ ପାତ୍ର (୨୭) ଷ୍ଟେଶନରୁ ବାହାରି ଏକୁଟିଆ ରେଲୱେ କଲୋନୀ ରାସ୍ତାରେ ଘରକୁ ଫେରୁଥିବା ବେଳେ ୬ଜଣ ଯୁବକ ହାତରେ ଖଣ୍ଡା, ତେଲେଙ୍ଗା କଟୁରୀ ଓ ଭୁଜାଲି ଧରି ଆସି ତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଆକ୍ରମଣରେ ଦିବ୍ୟଜିତଙ୍କ ମୁଣ୍ଡ, ମୁହଁ, ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ପଡ଼ିଥିଲେ। ସହଦେବଖୁଣ୍ଟା ଥାନା ପୋଲିସ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ହେଲେ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପରିବାର ଲୋକେ କଟକ ବଡ଼ ଡାକ୍ତରଖାନାକୁ ନେଇଯାଇଥିଲେ। ଦିବ୍ୟଜିତଙ୍କ ଭାଇ ବିଶ୍ୱଜିତ ଦାସଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ୪ଜଣ ଯୁବକଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ଆଉ ୨ଜଣ ଫେରାର ଥିବା ପୋଲିସ କହିଛି। ଆଇଆଇସି କୃଷ୍ଣଚନ୍ଦ୍ର ପଲେଇ କହିଛନ୍ତି, ରେଳ ଷ୍ଟେଶନରେ ଚୋରା ତତ୍କାଳ ଟିକେଟ କାଟିବାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧରେ କଥା କଟାକଟି ଓ ଗଣ୍ଡଗୋଳ ରହିଥିଲା। ଏହି ଘଟଣାକୁ କେନ୍ଦ୍ର କରି ଦିବ୍ୟଜିତଙ୍କୁ ଆକ୍ରମଣ କରାଯାଇଥିଲା।

# ବିଧାୟକଙ୍କ ଗିରଫ ଦାବିରେ ବିକ୍ଷୋଭ



ଏସ୍‌ପି ଅଫିସ ସମ୍ମୁଖରେ ମହିଳା ସଙ୍ଗଠନ ପକ୍ଷରୁ ପ୍ରତିବାଦ କରାଯାଉଛି।

ଭଦ୍ରକ ଅଫିସ, ୨୧।୧୨

ବିରୋଧୀ ଦଳ ଉପନେତା ତଥା ଭଦ୍ରକ ଜିଲା ଧାମନଗର ବିଧାୟକ ବିଷ୍ଣୁ ସେଠୀଙ୍କ ଗିରଫ ଦାବିରେ ସୋମବାର ଏସ୍‌ପି ଅଫିସ ସମ୍ମୁଖରେ ମହିଳା ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଭଦ୍ରକ ଶାଖା ପକ୍ଷରୁ ଶୋଭାଯାତ୍ରା ବନ୍ତ ଛକରୁ ବାହାରି ସହର ପରିକ୍ରମା କରିବା ପରେ ଏସ୍‌ପି ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ମାନବାଧିକାର ଦିବସ ପାଳନ ଅବସରରେ ବିଧାୟକ ସେଠୀ ନାରୀ ସମାଜକୁ ଆକ୍ଷେପ କରି କେତେକ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ସଭା ଚାଲିଥିବାବେଳେ ବିଧାୟକଙ୍କ ନାରୀ ଜାତି ପ୍ରତି ଏଭଳି ମନ୍ତବ୍ୟକୁ ଉପସ୍ଥିତ ଥିବା ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତିର ସର୍ବଭାରତୀୟ ସମ୍ପାଦିକା ତାପସୀ ପ୍ରହରାଜ ପ୍ରତିବାଦ କରିଥିଲେ। ସେହି ସମୟରେ ବିଧାୟକ ସେଠୀ ତାଙ୍କୁ ଅଶୋଭନୀୟ ଆଚରଣ କରିବା ସହ ଧମକ ଚମକ ଦେଇଥିବା ଅଭିଯୋଗ କରି ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଗ୍ରାମାଞ୍ଚଳ ଥାନାରେ ନାରୀ ସଙ୍ଗଠନ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ତୁରନ୍ତ ବିଧାୟକ ସେଠୀଙ୍କୁ ଗିରଫ କରିବାକୁ ମହିଳା ସଙ୍ଗଠନର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ସଭାପତି ପ୍ରଭାତୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ତାପସୀ ପ୍ରହରାଜ, ପୂର୍ବତନ ରାଜ୍ୟ ସଭାପତି ତଥା ସିଟୁ ନେତ୍ରୀ ପୁଷ୍ପା ଦାଶ, ରାଜ୍ୟ ସମ୍ପାଦିକା ସନ୍ଧ୍ୟା ଦାସ, ମଞ୍ଜୁନ ଦାସ, ଉତ୍କଳ ମହିଳା ସମିତିର ବନଲତା ଜେନା, ଜୟନ୍ତୀ ବିଶ୍ୱାଳ, ଦିବ୍ୟସିଂହ ନାୟକ, ଜିଲା ସମ୍ପାଦିକା ମମତା ଜେନା, ସୀତା ଦାଶ, ରୋଜାଲିନ୍ ସାମ୍ୟବାଦୀ, ତୁଷାରକାନ୍ତି ମହାନ୍ତି ପ୍ରମୁଖ ସାମିଲ ଥିଲେ।

## ତଳକିଆ ସମିତିରେ ଧାନ କିଣା ଆରମ୍ଭ

ଔପଦା, ୨୧।୧୨(ଡି.ଏନ.ଏ.)

ଔପଦା ବ୍ଲକ ସଦର ତଳକିଆ ସେବା ସମବାୟ ସମିତି ପକ୍ଷରୁ ମଣ୍ଡିର ଶୁଭାରମ୍ଭ କରାଯାଇ ଚାଷୀଙ୍କଠାରୁ ଧାନ କିଣା ଆରମ୍ଭ ହୋଇଛି। ମଣ୍ଡିକୁ ବିଡିଓ ସନ୍ତୋଷ କୁମାର ପତି ଉଦ୍‌ଘାଟନ କରିଥିଲେ। କୋପରେଟିଭ ଇନ୍ସପେକ୍ଟର ତଥା ଆଡମିନିଷ୍ଟ୍ରେଟର ବିଭୂତି ଭୂଷଣ ବାରିକ, ସମିତି ସମ୍ପାଦକ ଅଜୟ କୁମାର ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ମଧୁସୂଦନ ମଲ୍ଲିକ, ସମିତିସଭ୍ୟ ଅଶୋକ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମିତି ପକ୍ଷରୁ ୩ ପଞ୍ଚାୟତ ଚାଷୀଙ୍କଠାରୁ ୧୩ ହଜାର ୨୮୨ କୁଇଣ୍ଟାଲ ଧାନ କିଣାଯିବାକୁ ଧାର୍ଯ୍ୟ ହୋଇଥିଲା। ପ୍ରଥମ ଦିନରେ ୧୪୫ କୁଇଣ୍ଟାଲ ୪୨ କିଲୋ ଧାନ କିଣାଯାଇଥିବା ସମିତି ପକ୍ଷରୁ କୁହାଯାଇଛି।

## କରୋନାରେ ମୃତ ଖବରଦାତାଙ୍କ ପରିବାରକୁ ସହାୟତା

ବାରିପଦା ଅଫିସ,୨୧।୧୨

ମୟୂରଭଞ୍ଜ ଜିଲା ମୋରଡ଼ା ନିର୍ବାଚନମଣ୍ଡଳୀ ଅଧୀନ ଶୁଳିଆପଦା ବ୍ଲକ କୋଷ୍ଟା ଗ୍ରାମର ଖବରଦାତା ପରମାନନ୍ଦ ଦାସ(୬୪)ଙ୍କର ଗତ ଅକ୍ଟୋବର ୧୫ରେ କରୋନାରେ ମୃତ୍ୟୁ ହୋଇଛି। ଜିଲା ଖବରଦାତା ସଂଘ ପକ୍ଷରୁ କର୍ମକର୍ତ୍ତାମାନେ ତାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସଭାପତି ଅରୁଣ ଓତା, ସମ୍ପାଦକ ସଞ୍ଜୟ ଅଗ୍ରୱାଲା, ରଣଜିତ ସାହୁ, ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ମାଣିକଲାଲ ପାଣିଙ୍କ ସହ ସାମାଜିକ କର୍ମୀ ପ୍ରକାଶ ବେହେରା, ଖବରଦାତା ବିଶ୍ୱଜିତ ଚାନ୍ଦ, ରମାକାନ୍ତ ମଲ୍ଲିକ ପ୍ରମୁଖ ସ୍ୱର୍ଗତ ଦାସଙ୍କ ଘରକୁ ଯାଇ ତାଙ୍କ ପତ୍ନୀ ନୀଳାଦ୍ରି, ଦୁଇ ଝିଅ ଭାଗ୍ୟଶ୍ରୀ ଓ ଇତିଶ୍ରୀଙ୍କ ଉପସ୍ଥିତିରେ ନଗଦ ୨୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହାମଧରେ ଦୁଇମାସ ବିତିଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୋଭିଡ୍‌ଜନିତ ମୃତ୍ୟୁ ସାର୍ଟିଫିକେଟ ପ୍ରଦାନ କରାଯାଉନାହିଁ। ଫଳରେ ପରିବାର ଲୋକ ମୃତ୍ୟୁ ପ୍ରମାଣପତ୍ର ପାଇ ନ ଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ମୃତ୍ୟୁ ପ୍ରମାଣପତ୍ର ଯୋଗାଇ ଦେବାକୁ ସଂଘ ପକ୍ଷରୁ ଦାବି ହୋଇଛି।

# ନୂଆବର୍ଷ ଲାଗି ସଜେଇ ହେଉଛି ଜଳେଶ୍ୱର ସହର


ଚିତ୍ରିତ ହୋଇଥିବା ପାଚେରି।

ଜଳେଶ୍ୱର, ୨୧।୧୨(ସ୍ୱ.ପ୍ର.)

ଇଂରାଜୀ ନବବର୍ଷ ସ୍ୱାଗତ କରିବା ଲାଗି ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲଟି ଏବେଠୁ ସଜେଇ ହେଉଛି। ସହରର ବହୁ ସରକାରୀ ପାଚେରିରେ ଶିଳ୍ପୀମାନେ ଆଙ୍କୁଛନ୍ତି ବିଭିନ୍ନ ଐତିହାସିକ କୀର୍ତ୍ତି, ସ୍ଥାପତ୍ୟ, ପର୍ଯ୍ୟଟନସ୍ଥଳୀର ଦୃଶ୍ୟ, ସଚେତନତାର ବାର୍ତ୍ତା, ମହାମନିଷୀଙ୍କ ପ୍ରତିକୃତି ଓ ରଙ୍ଗବେରଙ୍ଗର ପ୍ରାକୃତିକ ଦୃଶ୍ୟରାଜି। ରାଜ୍ୟ ସରକାରଙ୍କ ଅର୍ବାନ୍ ୱେଜେସ୍ ଏମ୍ପ୍ଲେଇମେଣ୍ଟ ଇନିସିଏଟିଭ୍ ଯୋଜନାରେ ଶିଳ୍ପୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବା ସହିତ ସହରକୁ ସୌନ୍ଦର୍ଯ୍ୟକରଣ କରିବାକୁ ଏହା ପ୍ରୟାସ ବୋଲି ଜଳେଶ୍ୱର ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର କହିଛନ୍ତି। ସମସ୍ତ ସରକାରୀ କାର୍ଯ୍ୟାଳୟର ପାଚେରିରେ କଳା ସଂସ୍କୃତିର ଝଲକ ଦେଖି ପଥଚାରୀମାନେ ଖୁସିବ୍ୟକ୍ତ କରିଛନ୍ତି।

# 'ମଣ୍ଡି ଚାଲ ଅଭିଯାନ' ସଫଳ ପାଇଁ ଆହ୍ୱାନ

ବାଲେଶ୍ୱର ଅଫିସ, ୨୧।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷକର ଆୟକୁ ୨୦୨୨ ମସିହା ସୁଦ୍ଧା ଦ୍ୱିଗୁଣିତ କରିବା ପାଇଁ ଯେଉଁସବୁ ପଦକ୍ଷେପ ନେଇଛନ୍ତି ତନ୍ମଧ୍ୟରୁ ନୂତନ କୃଷି ଆଇନ ଚାଷୀଙ୍କୁ ସଶକ୍ତ କରିବ ବୋଲି ସୋମବାର ବାଲେଶ୍ୱରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।

ସେ କହିଛନ୍ତି ଯେ, ଭାରତରେ ଚାଷ ଆଜି ମଧ ଏକ ଲାଭଜନକ ବ୍ୟବସ୍ଥାକୁ ଆସିପାରିନାହିଁ। ଯେବେ ଯାଏ ଚାଷୀଙ୍କୁ ଅଭାବୀ ବିକ୍ରି ଭଳି ପାରମ୍ପରିକ ସମସ୍ୟାରୁ ମୁକ୍ତି ନ ମିଳିଛି, ସେଯାଏ ତାର ବିକାଶ ହୋଇପାରିବ ନାହିଁ। ନୂତନ କୃଷି ଆଇନ କୃଷକମାନଙ୍କୁ ମଧ୍ୟସ୍ତି ଓ ଅଭାବୀ ବିକ୍ରି ଦାଉରୁ ରକ୍ଷା କରିବ। କେନ୍ଦ୍ରସରକାର ଧାନର ଏମଏସ୍‌ପି ୧୮୬୮ ଟଙ୍କା ଦେଉଥିବା ସ୍ଥଳେ ମଣ୍ଡିରେ ୩ରୁ ୮କିଲୋ ପର୍ଯ୍ୟନ୍ତ କଟ୍‌ନୀ ଛଟ୍‌ନି ହେଉଥିବାରୁ ଚାଷୀ ପ୍ରକୃତ ମୂଲ୍ୟ ପାଇପାରୁନାହିଁ। ମଣ୍ଡି ଭିତ୍ତିଭୂମି ପାଇଁ କେନ୍ଦ୍ରସରକାର ଅର୍ଥର ବ୍ୟବସ୍ଥା କରିଥିବା ବେଳେ ଅଦ୍ୟାବଧି ଓଡ଼ିଶାରେ ସୁଧୁରି ପାରିନି। ଏବର୍ଷ ଧାନକିଣା ପାଇଁ କେନ୍ଦ୍ର ସରକାର ୧୮ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେଇଥିଲେ ମଧ ଓଡ଼ିଶାରେ ଅର୍ଦ୍ଧାଧିକ ଜିଲାରେ ଧାନମଣ୍ଡି ଖୋଲିନାହିଁ। ଆଗାମୀ ୩ମାସ ମଧ୍ୟରେ ଭାଜପା କୃଷକମୋର୍ଚ୍ଚା 'ମଣ୍ଡି ଚାଲ ଅଭିଯାନ' ମାଧ୍ୟମରେ ଓଡ଼ିଶାର ୩୫୦୦ ମଣ୍ଡିକୁ ଯାଇ ସ୍ଥିତି ଅନୁଧ୍ୟାନ କରିବ। ମଣ୍ଡିରେ ଏବଂ ପଞ୍ଚାୟତରେ ପୋଷ୍ଟର ମାରିବ। ସବୁ ମଣ୍ଡିରେ କେନ୍ଦ୍ରୀୟ ସହାୟତା ବ୍ୟାନର ମାରି ଚାଷୀଙ୍କୁ ସଚେତନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, କୃଷକମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମହେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଓ ଅନ୍ୟମାନେ।

# ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ମାଷ୍ଟରପ୍ଲାନ

କେନ୍ଦୁଝର, ୨୧।୧୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ବିଶ୍ୱ ସ୍ତରୀୟ ସୁବିଧା ଯୋଗାଇଦେବାକୁ ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ଘଟଗାଁ ମା ତାରିଣୀ ପୀଠ କୁ ଦୈନିକ ଶହ ଶହ ଭକ୍ତ ଓ ପର୍ଯ୍ୟଟକ ଆସୁଥିବାରୁ ଏହାର ଭିତ୍ତିଭୂମିର ବିକାଶ କରିବା ସହ ବିଶ୍ୱ ସ୍ତରୀୟ ସୁବିଧା ଯୋଗାଇଦେବାକୁ ପଦକ୍ଷେପ ନେଇଛନ୍ତି। ଏନେଇ ଏକ ମାଷ୍ଟର ପ୍ଲାନ ଘରୋଇ ସଂସ୍ଥା ଦ୍ୱାରା କରାଯାଇଥିବା ବେଳେ ଜମି ଚିହ୍ନଟ କାର୍ଯ୍ୟ ଚାଲିଛି। ତେବେ ଏହି ସବୁ କାମ କେବେ ଆରମ୍ଭ ହେବ ଏବଂ କେବେ ସରିବ ତାହା ଉପରେ ଜିଲାବାସୀଙ୍କ ନଜର ରହିଛି। ତେବେ ସରକାର ଙ୍କ ଏଭଳି ପଦକ୍ଷେପ ନିଶ୍ଚିତ ଭାବରେ ଜିଲାକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ସଂଗ୍ରାହକ ଓ ଲେଖକ ପ୍ରଦୀପ ରାଉତ କହିଛନ୍ତି। ଏନେଇ ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ କହିଛନ୍ତି, ଜିଲାରେ ସମୁଦାୟ ୧୬ ଟି ମାନ୍ୟତା ପ୍ରାପ୍ତ ପର୍ଯ୍ୟଟନ କେନ୍ଦ୍ର ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୪ଟି କେନ୍ଦ୍ରର ବିକାଶ ପାଇଁ ପଦକ୍ଷେପ ନିଆଯାଇଛି। ପରବର୍ତ୍ତୀ ସମୟରେ ଅନ୍ୟ କେନ୍ଦ୍ର ଗୁଡ଼ିକର ବିକାଶ ପାଇଁ ପଦକ୍ଷେପ ନିଆଯିବ।

# ଭଙ୍ଗା କୁଡ଼ିଆରେ ବିତୁଛି ଦିନ

ହାଟଡିହୀ,୨୧।୧୨(ଡି.ଏନ.ଏ.)

ସାହାରା ହେବାକୁ ନିଜର ବୋଲି କେହି ନ ଥିବା ବେଳେ ହଜି ଗଲେ କିମ୍ବା ମରିଗଲେ ଖୋଜିବାକୁ କେହି ନାହାନ୍ତି। ଭାଗ୍ୟର ବିଡମ୍ବନା ବଡ଼ ବିଚିତ୍ର। ଦୁଃଖ କଷ୍ଟ ଜର୍ଜରିତ ଜୀବନ ବଞ୍ଚିବାର ରାହା ଖୋଜୁଥିବା ବେଳେ ପ୍ରଶାସନିକ ହସ୍ତକ୍ଷେପ ଜରୁରୀ ହୋଇଛି। ଜଣେ ଗରିବ ଅସହାୟ ମହିଳା ପରିଣତ ବୟସରେ କିପରି ଏକୁଟିଆ ଦୁଃଖରେ ଜୀବନ ବିତାଉଛନ୍ତି ତାହା ନ ଦେଖିଲେ କେହି ବିଶ୍ୱାସ କରିବେନି।

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସମଣା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଶାନ୍ତିଲତା ଦୋରା(୬୦) ଏବେ ବେସାହାରା ପାଲଟିଛନ୍ତି। ଦୀର୍ଘ ବର୍ଷ ହେବ ବାପା ଓ ମା'ଙ୍କ ଦେହାନ୍ତ ପରେ ପ୍ରାୟ ପଚାଶ ବର୍ଷ ହେବ ଶାନ୍ତିଲତା ଏକାକୀ ଜୀବନ ବିତାଇ ଆସୁଛନ୍ତି। ମାଟି ଝୁମ୍ପୁଡ଼ି ଭଙ୍ଗା ଦଦରା ଘରେ ଦହଗଞ୍ଜ ହୋଇ ଜୀବନ ବିତାଉଥିବା ବେଳେ ବୟସ ଅପରାହ୍ନ ରେ ତାଙ୍କର ସାହାରା ହେବାକୁ କେହି ନାହାନ୍ତି। ସରକାରୀ ଯୋଜନାରେ ସରକାରୀ ଆବାସ ଗୃହ ଅଦ୍ୟାବଧି ତାଙ୍କୁ ମିଳି ପାରିନି। ପରର ମୂଲ ମଜୁରୀ ଲାଗି ପେଟ ପୋଷିବା ଏବଂ ଚଲାବୁଲା କରିବାକୁ ଶାନ୍ତିଲତାଙ୍କ ଦେହରେ ବଳ ବି ନାହିଁ। ସିଧା ହୋଇ ଠିଆ ହେବା କୁ ଶାନ୍ତିଲତା ଅସମର୍ଥ ଥିବା ବେଳେ ରୋଷେଇ କରି ଖାଇବା ଅସମ୍ଭବ ହୋଇଛି। ସ୍ଥାନୀୟ ଲୋକ ରୋଷେଇ କରିଦେଲେ ଶାନ୍ତିଲତା ଗଣ୍ଡେ ଖାଇଥାନ୍ତି। ପଞ୍ଚାୟତ ତରଫରୁ ମିଳୁଥିବା ରାଶନ ଓ ଭତ୍ତାକୁ ଆଶ୍ରା କରି ଶାନ୍ତିଲତା ଦିନ କାଟୁଥିବା ବେଳେ ବହୁତ ସମୟରେ ଭୋକ ଉପାସରେ ଦିନ ବି ସରୁଛି। ଏପରିକି ଦେହ ଖରାପ ହେଲେ ଚିକିତ୍ସା ହୋଇ ନ ପାରି ରୋଗ ବିଛଣାରେ ଯନ୍ତ୍ରଣା ସହିବାକୁ ପଡୁଛି। ଏସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜିତେନ୍ଦ୍ର ଜେନା ଓ ସରପଞ୍ଚ ପତିତପାବନ ନନ୍ଦ କହିଛନ୍ତି ଯେ, ଏପରି ସମ୍ବେଦନଶୀଳ ଘଟଣା ଆମ ନଜରରେ ଅଛି। ଏ ବିଷୟରେ ଆମେ ବିଡିଓଙ୍କ ସହ ଆଲୋଚନା କରିଛୁ। ଜିଲାପାଳ ଏହି ଅସହାୟାଙ୍କ ପ୍ରତି ଦୃଷ୍ଟି ଦେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଆମେ ନିବେଦନ କରିଛୁ।


ଝୁମ୍ପୁଡ଼ି ଆଗରେ ଶାନ୍ତିଲତା।

# ଖଣି ଚାଲୁ କରିବାକୁ ଦାବିପତ୍ର

କେନ୍ଦୁଝର, ୨୧।୧୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ପଳସା ପଞ୍ଚାୟତବାସୀ ସ୍ଥାନୀୟ ସିରାଜଉଦ୍ଦିନ ଖଣି ଚାଲୁ କରିବା ଦାବିରେ ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହି ଖଣିଟି ବଳଦା, ପଳସା, ବଡକାଳିମାଟି, ନୟାଗଡ ପଞ୍ଚାୟତ ସୀମାରେ ରହିଛି। ଚାଷବାସ ନ ଥିବାରୁ ଖଣିଖାଦାନ ଉପରେ ଅଞ୍ଚଳବାସୀ ନିର୍ଭର କରିଆସୁଛନ୍ତି। ଶିକ୍ଷିତ ଯୁବକମାନେ ଋଣ କରି ଲୁହାପଥର ପରିବହନ ପାଇଁ ଟ୍ରକ କିଣି ଚଳୁଥିଲେ। ଫଳରେ ସ୍ଥାନୀୟ ଗାଡ଼ି ମାଲିକ, ଡ୍ରାଇଭର, ହେଲପର, ଗ୍ୟାରେଜ ମାଲିକ ଓ କାମ କରୁଥିବା କର୍ମଚାରୀ, ଦୋକାନୀ ଆଦି ଚଳୁଥିଲେ। ତେବେ ୨୦୨୦ ମାର୍ଚ୍ଚ ୩୧ରେ ଲିଜ ସରିଯିବା ପରେ ନିଲାମ ହୋଇଥିଲା। ଉକ୍ତ କମ୍ପାନୀ ପୁଣି ଥରେ ଲିଜ୍ ପାଇବା ପରେ ଖଣି କାମ ଆରମ୍ଭ କରିଛନ୍ତି। ତେବେ ପୂର୍ବ ପରି ଏହି ସବୁ ପଞ୍ଚାୟତର ଲୋକଙ୍କୁ କାମ ଯୋଗାଇବା ସହ ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ସ୍ଥାନୀୟ ଲୋକ ନିବେଦନ କରିଥିଲେ। କମ୍ପାନୀ ପକ୍ଷରୁ ନିବେଦନ ଗ୍ରହଣ କରି ଚାରି ଗୋଟି ପଞ୍ଚାୟତକୁ ସମାନ ଆକାରରେ କାମ ଦେବାକୁ କୁହାଯାଇଥିଲା। ବଳଦା ପଞ୍ଚାୟତ ପରିବହନ କରିବାକୁ ଅନିଚ୍ଛା ପ୍ରକାଶ କରି ପରିବହନ ବନ୍ଦ କରି ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିଥିବାରୁ ଅନ୍ୟ ତିନି ପଞ୍ଚାୟତ ଲୋକଙ୍କ ଜୀବନଜୀବିକା ବାଧାପ୍ରାପ୍ତ ହୋଇଛି। ଏନେଇ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ସେମାନେ ନିବେଦନ କରିଛନ୍ତି। ଜିଲା ପରିଷଦ ସଭ୍ୟ ବାସୁଦେବ ନାଏକଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକପ୍ରତିନିଧିମାନେ ଲିଖିତ ଅଭିଯୋଗ କରିଛନ୍ତି।


ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ଓ ଲୋକପ୍ରତିନିଧି।

